بِسۡمِ اللّٰہِ الرَّحۡمٰنِ الرَّحِیۡمِ

**୨୧ ଫେବୃଆରୀ ୨୦୨୫ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍**

ମୁସଲେହ ମଉଦ୍ **ଭବିଷ୍ୟବାଣୀ ପ୍ରାସଙ୍ଗିକତାରେ ହଜରତ ମୁସଲେହ୍ ମଉଦ** ର.ଅ **ଙ୍କର ଭୌତିକ ଜଗତର ବିଭିନ୍ନ ବିଷୟବସ୍ତୁ ଉପରେ ବୁଦ୍ଧିଜ୍ଞାନ ସମ୍ୱଳିତ ଅଭିଭାଷଣ ଓ ଖୁତ୍‌ବାର ବର୍ଣ୍ଣନା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

**ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍ୱର**ଅ.ବ **କହିଲେ; ଗତକାଲି ୨୦ଫେବୃଆରୀ ଥିଲା, ଏହି ଦିବସଟି ଜମାଅତ ଅହେମଦିୟାରେ** ମୁସଲେହ ମଉଦ୍ **ଭବିଷ୍ୟବାଣୀ ପରିପ୍ରେକ୍ଷୀରେ ଜଣା ଯାଇଥାଏ । ଏହି ଦିନ ଅଥବା ଏହି ଦିନର ପୂର୍ବ ଓ ପରବର୍ତ୍ତୀ ଦିନମାନଙ୍କରେ** ମୁସଲେହ ମଉଦ୍ **ଭବିଷ୍ୟବାଣୀ ପରିପ୍ରେକ୍ଷୀରେ ଜମାଅତମାନଙ୍କରେ ଜଲ୍‌ସା ମଧ୍ୟ ଅନୁଷ୍ଠିତ କରାଯାଇଥାଏ । ହଜରତ ମୁସଲେହ୍ ମଉଦ** ର.ଅ **ଙ୍କ ସଂକ୍ରାନ୍ତେର ଏହା ଏକ ବ୍ୟାପକ ଭବିଷ୍ୟତ ବାଣୀ, ଯେଉଁଥିରେ ଏକ ବରପୁତ୍ର ଜନ୍ମ ଗ୍ରହଣ କରିବା ଓ ତାହାର ସୁଗୁଣାବଳୀ ସଂକ୍ରାନ୍ତରେ ସୂଚନା ଦିଆଯାଇଛି । ଉକ୍ତ ଭବିଷ୍ୟବାଣୀକୁ ୨୦ଫେବୃଆରୀ ୧୮୮୯ମସିହାରେ ଏକ ପତ୍ରିକା ରୂପରେ ପ୍ରକାଶିତ କରାଯାଇଥିଲା । ଉକ୍ତ ଭବିଷ୍ୟବାଣୀରେ ସେହି ବରପୁତ୍ରର ବିଶେଷତା ସଂକ୍ରାନ୍ତରେ ହୋଇଥିବା ଭବିଷ୍ୟତ ବାଣୀର ଶବ୍ଦବଳୀର ଏକ ଅଂଶ ଏହିକି ଯେ, ସେ ଅତି ବୁଦ୍ଧିମାନ ଓ ବିଚକ୍ଷଣ ଜ୍ଞାନର ଅଧିକାରୀ ହେବ ଏବଂ ସେ ଭୌତିକ ଓ ଆଧ୍ୟାତ୍ମିକ ଜ୍ଞାନରେ ପରିପୂର୍ଣ୍ଣ କରାଯିବ ।** ଐଶ୍ୱର୍ଯ୍ୟମୟ ପ୍ରଭୁ ହଜରତ ମସିହ ମଉଦ ଅ.ସ ଙ୍କୁ ଏହି ସୁସମାଚାର ଅନ୍ତର୍ଗତ ସେହି ବରପୁତ୍ର ପ୍ରଦାନ କଲେ, ଯାହାଙ୍କ ନାମ ବଶିରୁଦ୍ଦୀନ ମେହମୁଦ୍ ଅହେମଦ ଅଟେ । ଯାହାଙ୍କୁ ମୁସଲେହ୍ ମଉଦ୍ ନାମରେ ମଧ୍ୟ ଆଖ୍ୟାୟିତ କରାଯାଇଛି ।

ଯେପରିକି ଭବିଷ୍ୟବାଣୀର ଶବ୍ଦାବଳୀ ରହିଛି, ସେହି ବରପୁତ୍ର ଭୌତିକ ଓ ଆଧ୍ୟାତ୍ମିକ ଜ୍ଞାନରେ ପରିପୂର୍ଣ୍ଣ କରାଯିବ । ତେଣୁ ପରାକ୍ରମୀ ଅଲ୍ଲାଃତାଲା ତାଙ୍କର ବୁଦ୍ଧିକୁ ସ୍ୱୟଂ ଉଜ୍ଜ୍ୱଳିତ କଲେ ଏବଂ ଜ୍ଞାନରେ ପରିପୂର୍ଣ୍ଣ କରିଦେଲେ । ଯଦିଚ ସାଂସାରିକ ବିଷୟବସ୍ତୁ ଉପରେ ଆପଣ ର.ଅ ଅତି ଦୁର୍ବଳ ଥିଲେ, ତଥାପି ଅଲ୍ଲାଃତାଲା ଆପଣ ମାଧ୍ୟମରେ ଏପରି ଏପରି ଜ୍ଞାନ ଭିତ୍ତିକ, ଧାର୍ମିକ ଓ ବ୍ୟବସ୍ଥା ମୂଳକ କାର୍ଯ୍ୟ ସମ୍ପାଦିତ କରାଇଲେ ଯାହାକି ବଡ଼ ବଡ଼ ବିଦ୍ୱାନ ଓ ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ମଧ୍ୟ ଆପଣ ର.ଅ ଙ୍କ ସମ୍ମୁଖରେ ପ୍ରାଥମିକ ବିଦ୍ୟାଳୟର ବିଦ୍ୟାର୍ଥୀ ଅଥବା ଏକ ସାମାନ୍ୟ ଶିଶୁ ସଦୃଶ ମନେ ହେଉଥିଲେ । ଆଉ ଆପଣ ର.ଅ ଙ୍କର ୫୨ବର୍ଷିୟ ସୁଦୀର୍ଘ ଖିଲାଫତ୍ କାଳ ଏହାର ଜ୍ୱଳନ୍ତ ପ୍ରମାଣ । ହୁଜୁର ର.ଅ ଜଗତର ବିଭିନ୍ନ ବିଷୟ ସଂକ୍ରାନ୍ତରେ ଅଗଣିତ ଅଭିଭାଷଣ, ପ୍ରବନ୍ଧ, ବକ୍ତୃତା ଦେଇଛନ୍ତି ତଥା ଧାର୍ମିକ ଓ ପବିତ୍ର କୁରଆନର (ଅପୂର୍ବ) ଜ୍ଞାନର ରହସ୍ୟ ଉନ୍ମୋଚିତ କରି ଦେଇଛନ୍ତି । ଆପଣ ସାଂସାରିକ ଭୌତିକ ବିଷୟବସ୍ତୁ, ଦେଶିୟ ଓ ଆନ୍ତର୍ଜାତିକ ରାଜନୈତିକ ପ୍ରସଙ୍ଗରେ ବକ୍ତୃତା ଉପସ୍ଥାପନ କରିବା ସହିତ ରଚନା ମଧ୍ୟ କରିଛନ୍ତି । ଐତିହାସିକ ଦୃଷ୍ଟି କୋଣରୁ ମଧ୍ୟ ସାମାନ୍ୟ ସ୍ତରର ବକ୍ତୃତା ଉଲ୍ଲେଖ କରିବା ସହିତ ତାହାକୁ ସେତେବେଳେ ପେସ୍ କରିଥିଲେ । ଅର୍ଥନୈତିକ ଓ ବିଶ୍ୱର ବିଭିନ୍ନ ବ୍ୟବସ୍ଥା ସମ୍ବନ୍ଧିତ, ଶୋଶିୟାଲିଜିମ୍, କମ୍ୟୁନିଜିମ୍, କ୍ୟାପିଟାଲିଜିମ୍‌ର ମଧ୍ୟ ଅଭିଜ୍ଞତା ହାସଲ କରି ସେ ସମସ୍ତ ପ୍ରସଙ୍ଗରେ ବିସ୍ତୃତ ଅଭିଭାଷଣ ଦେଲେ । ଯାହାକି ପରବର୍ତ୍ତୀ ସମୟରେ ପୁସ୍ତକ ଆକାରରେ ପ୍ରକାଶିତ ମଧ୍ୟ ହୋଇଯାଇଛି । ଆଉ ତାହା ଜମାଅତର

ଲିଟରେଚର୍‌ରେ ସାମିଲ ରହିଛି । ଏପରିକି ଅସ୍‌କରୀ ଓ ସାମରିକ ତଥା ବିଜ୍ଞାନ, ବିଦ୍ୟା ପ୍ରସଙ୍ଗରେ ମଧ୍ୟ ଅତିସୂକ୍ଷ୍ମ ଜ୍ଞାନ ଓ ରହସ୍ୟର ଏପରି ନିର୍ଝର ବହି ଦେଇଛନ୍ତି, ଯାହା ପାଠ କରି ମନୁଷ୍ୟ ହତବାକ ହୋଇଯାଇଥାଏ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହିସ୍ଥଳେ ମୁଁ ଏପରି କିଛି ନମୁନା ଉପସ୍ଥାପନ କରିବି ଯାହାକି କେବଳ (ସଂକ୍ଷିପ୍ତ) ପରିଚୟ ଉପରେ ପର୍ଯ୍ୟବସିତ । ହୁଜୁର[ର.ଅ] "ତୁର୍କୀ କା ମୁଶକିଲାତ୍ ଅଓ୍ୱର ମୁସଲମାନମାନୋ କା ଫର୍ଜ" ନାମରେ ଏକ ପରାମର୍ଶ ଦେଲେ ଏବଂ ସେହି ପ୍ରସଙ୍ଗରେ ଆଲୋଚନା ମଧ୍ୟ କଲେ । ଏହା ୧୯୧୯ମସିହା ଅର୍ଥାତ୍ ଆପଣଙ୍କ ଖିଲାଫତ୍‌ର ପ୍ରାରମ୍ଭିକ କାଳର ବିଷୟ । ଏହାର ପ୍ରାସଙ୍ଗିକତା ଏହିକି ଯେ, ସାମ୍ପ୍ରଦାୟିକ ଏକତାର ପ୍ରତ୍ୟେକ ଅବସରରୁ ପୂର୍ଣ୍ଣ ରୂପେ ଉପକୃତ ହେବା ନିମନ୍ତେ ଆପଣ[ର.ଅ] ଏପରି ସମୟରେ ଯେତେବେଳେ କି ତୁର୍କୀ ପ୍ରଶାସନ ବିପତ୍ତିଗ୍ରସ୍ତ ଥିଲା, ଅତ୍ୟନ୍ତ ବୁଦ୍ଧିଜ୍ଞାନ ସମ୍ପନ୍ନ ମାର୍ଗଦର୍ଶନ କଲେ । ୧୮ସେପ୍ଟେମ୍ବର ୧୯୧୯ମସିହାରେ ଆପଣ ସେହି ପୁସ୍ତକ ରଚନା କରିଥିଲେ । ମୁସଲମାନମାନଙ୍କ ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ସକାଶେ ବିଭିନ୍ନ ବିଚାର ମୂଳକ ନୀତିନିୟମ ବର୍ଣ୍ଣନା କଲେ ଯେ, ସେହି ଜଲ୍‌ସାର ଭିତ୍ତିଭୂମି (ତୁର୍କ ଦେଶ ପାଇଁ ଜଲ୍‌ସା ଅନୁଷ୍ଠିତ ହେବାର ଥିଲା) କେବଳ ଏହା ହିଁ ହେବା ଉଚିତ୍ ଯେ ନିଜକୁ ମୁସଲମାନ ରାଷ୍ଟ୍ର ବୋଲାଇବାରୁ ବିରତ ରହିବା ଅଥବା ସାମ୍ରାଜ୍ୟ (କ୍ଷେତ୍ର)ଦିଗରୁ ଏକ ଏପରି କାର୍ଯ୍ୟ, ଯାହାକୁ ପ୍ରତ୍ୟେକ ଗୋଷ୍ଠୀ ଯେ ନିଜକୁ ମୁସଲମାନମାନ ଅଭିହିତ କରାଇଥାଏ, ଅପସନ୍ଦ କରିଥାଏ । ବରଂ ଏପରି ଚିନ୍ତା କରିବା ମଧ୍ୟ ତାହା ପାଇଁ ଅତି କଷ୍ଟଦାୟକ ପ୍ରସଙ୍ଗ । ତୁର୍କ (ଦେଶ)ର ସର୍ବାଙ୍ଗ ଉନ୍ନତି ଓ ବିକାଶ ନିମନ୍ତେ ହୁଜୁର[ର.ଅ] ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ (ଏହା) ଦେଇଥିଲେ ଯେ, କେବଳ ଜଲ୍‌ସା ଓ ଲେକଚର୍ ଦ୍ୱାରା ଉଦ୍ଦେଶ୍ୟ ପୂରଣ ହେବ ନାହିଁ । ଆଉ ନା ଅର୍ଥ ଏକତ୍ରୀତ କରି ପତ୍ରିକା ଓ ପାମ୍ପଲେଟସ୍ ପ୍ରକାଶିତ କରିବା ଦ୍ୱାରା ଉଦ୍ଦେଶ୍ୟ ପୂରଣ ହେବ । ବରଂ ନିରନ୍ତର ଉଦ୍ୟମ ଓ ପରିଶ୍ରମ ଦ୍ୱାରା ଯାହାକି ସମଗ୍ର ବିଶ୍ୱରେ ଏହି କାର୍ଯ୍ୟକୁ ସମ୍ପାଦିତ କରିବା ସକାଶେ ଚେଷ୍ଟା କରିବାକୁ ହେବ ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ଏଥି ସଂକ୍ରାନ୍ତରେ ଆଲୋଚନା କରି କହିଲେ; ଆଜି ମୁସଲମାନମାନଙ୍କୁ ଏହି ବିଷୟରେ ଚିନ୍ତନ ଓ ମନ୍ଥନ କରିବା ଆବଶ୍ୟକ । ଏହା ତ କେବଳ ସେହି ଯୁଗରେ ତୁର୍କୀ ପ୍ରଶାସନ ସଂକ୍ରାନ୍ତରେ ଥିଲା, ସମ୍ପ୍ରତି ମୁସଲମାନମାନ ରାଷ୍ଟ୍ର ଓ ଆରବ ଦେଶ ବିଶେଷ ଭାବରେ ଏଥିପ୍ରତି ଅଧିକ ଧ୍ୟାନ ଦେବା ଉଚିତ୍ । କେବଳ ନାରା (ଉଚ୍ଚସ୍ୱରରେ ଶ୍ଳୋଗାନ ଲଗାଇବା) ଓ ମିଟିଙ୍ଗ୍ କରିଦେଲେ ସମସ୍ୟା ସମାଧାନ ହୋଇଯିବ ନାହିଁ । ବରଂ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିବାକୁ ହେବ । ତୁର୍କୀ ଅଥବା ଇସଲାମ୍ ବିରୋଧରେ ଇର୍ଷା ଓ ବୈରୀ ଭାବର କାରଣ ବର୍ଣ୍ଣନା କରି, ଏହି ସଙ୍କଟାପର୍ଣ୍ଣ ଅବସ୍ଥା ଦୂର ହେବା ନିମନ୍ତେ ଆପଣ[ର.ଅ] ଏହି (ସୂକ୍ଷ୍ମ) ମାର୍ଗଦର୍ଶନ କଲେ ଯେ, ମୁସଲମାନମାନେ ନିଜ ତ୍ରୁଟିରୁ କ୍ଷମା ପ୍ରାର୍ଥନା କରି ସର୍ବଶକ୍ତିମାନ ନିରାକାର ପ୍ରଭୁଙ୍କ ଶରଣାପନ୍ନ ହୁଅନ୍ତୁ ଏବଂ ସ୍ୱୟଂ ଇସଲାମ୍‌କୁ ବୁଝନ୍ତୁ, ଏହାର ବାସ୍ତବିକତାକୁ ହୃଦୟଙ୍ଗମ କରନ୍ତୁ ତଥା ଅନ୍ୟମାନଙ୍କୁ ଅବଗତ କରାନ୍ତୁ ଯଦ୍ୱାରା ବର୍ତ୍ତମାନ ମୁସଲମାନମାନେ ଯେଉଁ ବିପତ୍ତିର ସମ୍ମୁଖୀନ ହୋଇଛନ୍ତି ତାହା ଦୂର ହେବ । ସୁତରାଂ ଏହି ନିୟମ ଆଜି ମଧ୍ୟ ମୁସଲମାନମାନଙ୍କୁ ଆପଣାଇବା ଜରୁରୀ । ନଚେତ୍ ଇସଲାମ୍ ବିରୋଧୀ ରାଷ୍ଟ୍ରମାନେ ମୁସଲମାନ ରାଷ୍ଟ୍ରମାନଙ୍କୁ ଚର୍ତୁପାର୍ଶ୍ୱରୁ ପରିବେଷ୍ଟିତ କରିଚାଲିବେ ଏବଂ କରୁଛନ୍ତି ମଧ୍ୟ ।

ପୁନଶ୍ଚ ଆଉ ଏକ ଅବସର "ଅଲ୍ ପାର୍ଟି କନଫରେନସ୍"ର ଆରମ୍ଭ ହୋଇଅଛି । ଏଥିରେ ଆପଣ "ଅଲ୍ ପାର୍ଟି କନଫରେନସ୍ କେ ପୌଗ୍ରାମ ପର ଏକ ନଜର୍" ବିଷୟବସ୍ତୁ ସମ୍ବଳିତ ନିର୍ଦ୍ଦେଶାବଳୀ ପ୍ରଦାନ କଲେ । ଉକ୍ତ ପତ୍ରିକା ହୁଜୁର[ର.ଅ] ୧୩ଜୁଲାଇ ୧୯୨୫ମସିହାରେ ଉଲ୍ଲେଖ କରିଥିଲେ । ସେହି ପତ୍ରିକାରେ ସର୍ବପ୍ରଥମେ ହୁଜୁର[ର.ଅ] ଇସଲାମ୍‌ର ଧାର୍ମିକ ଓ ରାଜନୈତିକ ସଂଜ୍ଞା ବର୍ଣ୍ଣନା କରି ସମସ୍ତ ମୁସଲମାନ ଗୋଷ୍ଠୀମାନଙ୍କ ସମ୍ମୁଖରେ ଏହି ମହତପୂର୍ଣ୍ଣ ନିୟମାବଳୀ ଉପସ୍ଥାପନ କରିଥିଲେ ଯେ, ରାଜନୈତିକ ମାମଲାରେ ମୁସଲମାନମାନେ ପୂର୍ଣ୍ଣ ଏକ ଓ ଅଦ୍ୱିତୀୟ ହେବାର ନମୁନା ପ୍ରଦର୍ଶନ କରନ୍ତୁ । କାରଣ ରାଜନୈତିକ ଦୃଷ୍ଟିକୋଣରୁ ଯଦି ଆପଣ କୌଣସି

ସମ୍ପ୍ରଦାୟକୁ ପୃଥକ କରିଦେବେ ତେବେ ଏହା କିପରି ସମ୍ଭବ ଯେ, ସେ ଅନ୍ୟ ସମ୍ପ୍ରଦାୟ ଆଡ଼କୁ ଆନତ ହେବ ନାହିଁ । ଇସଲାମ୍‌ର ଉନ୍ନତି ଓ ପ୍ରାଥମିକତା ତଥା ତାହାର ରାଜନୈତିକ ଦୃଢ଼ତା ନିମନ୍ତେ କେତେକ ପରାମର୍ଶ ଓ ପ୍ରସ୍ତାବ ଦେବା ଯଥେଷ୍ଟ ନୁହେଁ । ଆପଣ[ର.ଅ] କହିଲେ; ଶାନ୍ତି ପ୍ରତିଷ୍ଠା ନିମନ୍ତେ ପାରସ୍ପରିକ ଧାର୍ମିକ ପ୍ରସଙ୍ଗରେ ହସ୍ତକ୍ଷେପ କରିବା ଉଚିତ୍ ନୁହେଁ । **ପ୍ରଶସ୍ତ ହୃଦୟର ସହିତ ଅନ୍ୟକୁ ତାହାର ଆସ୍ଥା ଅନୁଯାୟୀ କାର୍ଯ୍ୟ କରିବାକୁ ଦିଅନ୍ତୁ ଏବଂ ସ୍ୱୟଂ ନିଜ ଆସ୍ଥା ଓ ବିଶ୍ୱାସ ଅନୁଯାୟୀ କାର୍ଯ୍ୟ କରନ୍ତୁ ।**

ହୁଜୁର[ର.ଅ] ବ୍ୟବସାୟ ଓ ବାଣିଜ୍ୟ ସଂକ୍ରାନ୍ତରେ କହିଲେ; ବ୍ୟବସାୟ ଏକ ଏପରି ବିଭାଗ ଯହିଁରେ ମୁସଲମାନମାନେ ସବୁଠାରୁ ଅଧିକ ଅବହେଳା ଓ ବେପରୁଆ ହୋଇଗଲେ । ଆଉ ବ୍ୟବସାୟ କ୍ଷେତ୍ରରେ ତ ସେମାନେ ହିନ୍ଦୁମାନଙ୍କ ଦାସ (ସେତେବେଳେ ମୁସଲମାନମାନଙ୍କ ଅବସ୍ଥା ଏପରି ରହିଥିଲା) ହୋଇ ରହିଯାଇଛନ୍ତି । ଆଜିକାଲି ଏହି ମାମଲାରେ ବିଶ୍ୱର (ଅଣମୁସଲମାନ) ଶାସକ ଓ ବ୍ୟବସାୟୀମାନଙ୍କର ଆମେ ଦାସ ପାଲଟି ଯାଇଛେ । ସୁତରାଂ ମୁସଲମାନ ରାଷ୍ଟ୍ରମାନଙ୍କୁ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ।

ମହାମହିମ ହୁଜୁର ଅନୱ୍ୱର[ଅ.ବ] କହିଲେ; କେତେକ ମୁସଲମାନ ରାଷ୍ଟ୍ରମାନଙ୍କରେ ବିଶେଷ ଭାବରେ ଅହେମଦିମାନଙ୍କ ନିମନ୍ତେ ଯେ ଏମାନେ ଅବିଶ୍ୱାସକାରୀ, ଏମିତି ଦେଖିବାକୁଗଲେ ତ ପ୍ରତ୍ୟେକ (ମୁସଲମାନ) ଗୋଷ୍ଠୀ ଅନ୍ୟ ଗୋଷ୍ଠୀକୁ ଅବିଶ୍ୱାସକାରୀ ଦର୍ଶାଇଥାଏ ଏବଂ ଅଣମୁସଲମାନ ଜଗତରେ ଏହି କାରଣରୁ ନକାରାତ୍ମକ ପ୍ରଭାବ ପଡୁଅଛି । ଆଉ ଏହି କଥା ହିଁ ମୁସଲମାନଙ୍କୁ କ୍ଷତି ପହଞ୍ଚାଉଛି । ସୁତରାଂ ଏକଥାକୁ ମୁସଲମାନ ରାଷ୍ଟ୍ର ଓ ଶାସକମାନଙ୍କୁ ବୁଝିବା ଉଚିତ୍ ।

ସେତେବେଳେ ଭାରତ, ପାକିସ୍ତାନର ଅବସ୍ଥା ପ୍ରସଙ୍ଗରେ ଏକ ଗୋଲ୍ ମେଜ୍ କନ୍‌ଫରେନସ୍ ଗଠନ କରାଯାଇଥିଲା ଏବଂ ସେଥିରେ ମୁସଲମାନମାନଙ୍କ ପ୍ରତିନିଧିତ୍ୱ କରିବାର ପ୍ରଶ୍ନ ଉଠିଥିଲା । ସେହି ଅବସରରେ ମଧ୍ୟ ହୁଜୁର[ର.ଅ] ପ୍ରଶାସନକୁ ଏହି ପରାମର୍ଶ ଦେଇଥିଲେ ଯେ, ସେ ରାଜନୈତିକ ଗୋଷ୍ଠୀ ସମୂହର ନିର୍ବାଚନ କରାନ୍ତୁ ଯଦ୍ୱାରା କନ୍‌ଫରେନସ୍‌ର ନିଷ୍ପତ୍ତିଗୁଡ଼ିକୁ ଲୋକମାନେ ସାଦରେ ଗ୍ରହଣ କରିବେ । ପୁନଃ ସେତେବେଳେ ଭାରତରେ ରାଜନୈତିକ ସମସ୍ୟାକୁ ସମାଧାନ କରିବା ସକାଶେ ଆପଣ ଏକ ପ୍ରବନ୍ଧ ରଚନା କଲେ । ସେଥିରେ ହୁଜୁର[ର.ଅ] ମୁସଲମାନମାନଙ୍କ ଅଧିକାର ଓ ଦାବିଗୁଡ଼ିକ ଉପରେ ବ୍ୟାଖ୍ୟାତ୍ମକ ଆଲୋଚନା କଲେ ଏବଂ ତାହାର ଆବଶ୍ୟକତାକୁ ଉଜାଗର କଲେ । ଏଥିସହିତ ଭାରତୀୟ ରାଜନୈତିକ ସମସ୍ୟାଗୁଡ଼ିକର ଅତି ସୁନ୍ଦର ଓ ସନ୍ତୋଷଜନକ ସମାଧାନ ଉପସ୍ଥାପନ କଲେ । ଆଉ ତାହାର ଇଂଗ୍ରାଜୀ ଅନୁବାଦ ପ୍ରକାଶିତ କରିବା ନିମନ୍ତେ ତତ୍‌କ୍ଷଣାତ (ତାହା) ପ୍ରେରଣ କରିଦିଆଗଲା, ଯଦ୍ୱାରା ଗୋଲ୍ ମେଜ୍ କନ୍‌ଫରେନସ୍‌ରେ ଯୋଗଦାନକାରୀ ତାହାକୁ ପାଠ କରି ଉପକୃତ ହୋଇପାରିବେ । ଆଉ ଏହିପରି ହିଁ ଘଟିଲା ମୁସଲମାନ ପ୍ରତିନିଧିମାନେ ବିଶେଷ ଭାବରେ ସେଥିରୁ ଲାଭାନ୍ୱିତ ହେଲେ । ହୁଜୁର [ର.ଅ]ଙ୍କର ଉକ୍ତ ପୁସ୍ତକ ଭାରତ ଓ ବିଲାତ ଉଭୟ ଦେଶରେ ବେଶ୍ ଲୋକପ୍ରିୟ ହେଲା, ପ୍ରସିଦ୍ଧି ଅର୍ଜନ କଲା । ତାହାକୁ ଲୋକମାନେ ଅତି ଧ୍ୟାନପୂର୍ବକ ଓ ଆଗ୍ରହତାର ସହିତ ଅଧ୍ୟୟନ କଲେ । ଅନେକ ବିଜ୍ଞ ରାଜନେତା ଓ ଲିପିକରମାନେ ପ୍ରଶଂସନୀୟ ଶବ୍ଦରେ ମହାମହିମ ହୁଜୁର [ର.ଅ]ଙ୍କର ଉତ୍କର୍ଷତା ବଖାଣି ଟିପ୍ପଣୀ ଦେଲେ । ତହୁଁପରେ ମହାମାନ୍ୟ ହୁଜୁର ଅନୱ୍ୱର[ଅ.ବ] "ତାରିଖେ ଅହେମଦିୟା"ରେ ଉଲ୍ଲେଖି ଘଟଣାବଳୀ ଯାହାକି ଏହି ପ୍ରସଙ୍ଗରେ ଦରଜ ରହିଛି, ନମୁନା ସ୍ୱରୂପ କିଛି ବର୍ଣ୍ଣନା କଲେ । ସର୍ ଅବ୍ଦୁଲ୍ଲାଃ ହାରୁନ୍ ଏମ୍.ଏଲ୍.ଏ କରାଚୀ ନିବାସୀ କୁହନ୍ତି; ମୋ ମତରେ ରାଜନୀତି ପ୍ରସଙ୍ଗରେ ଯେପରି ପୁସ୍ତକ ଭାରତ ବର୍ଷରେ ରଚନା କରାଯାଇଛି, ତନ୍ମଧ୍ୟରେ "ହିନ୍ଦୁସ୍ତାନ୍ କେ ସିୟାସି ମସାଇଲ୍ କା ହଲ୍" ସର୍ବଶ୍ରେଷ୍ଠ ପୁସ୍ତକ । ପୁଣି ବିଶ୍ୱର ଉତ୍କଟ ପରିସ୍ଥିତି ସଂକ୍ରାନ୍ତରେ ଇସଲାମ୍ କି ସମାଧାନ ଉପସ୍ଥାପନ କରିଛି । ଏଥିସଂକ୍ରାନ୍ତରେ ମଧ୍ୟ ଆପଣ ବ୍ୟାପକ ଭାବରେ ତର୍କ କରିଛନ୍ତି । ଆପଣ ଆର୍ନ୍ତଜାତିକ ସ୍ତରରେ ଶାନ୍ତି ପ୍ରତିଷ୍ଠାକୁ ଧ୍ୟାନରେ ରଖି ସେହି ବ୍ରହ୍ମଜ୍ଞାନ ସମ୍ପନ୍ନ

ବକ୍ତୃତା ୯ଅକ୍ଟୋବର ୧୯୪୬ମସିହାରେ ଦିଲୀ ଠାରେ ଉପସ୍ଥାପନ କରିଥିଲେ ।

ଦସ୍ତୁରେ ଇସଲାମୀ (ଇସଲାମ୍‌ର ପରମ୍ପରା) ଅଥବା ଇସଲାମୀ ଆଇନେ ଅସାସୀ (ଇସଲାମୀୟ ଆଇନ୍) ପ୍ରସଙ୍ଗରେ ଆପଣ ନିଜ (ବହୁମୂଲ୍ୟ) ମନ୍ତବ୍ୟ ପ୍ରଦାନ କଲେ । ଉକ୍ତ ବକ୍ତୃତା ସର୍ବସାଧାରଣଙ୍କ ହିତ ନିମନ୍ତେ ୧୮ଫେବୃଆରୀ ୧୯୪୮ମସିହାରେ ଏକ ପତ୍ରିକା ଆକାରରେ ପ୍ରକାଶିତ ମଧ୍ୟ କରାଯାଇଥିଲା । ସେଥିରେ ଆପଣ[ର.ଅ] ଇସଲାମ୍‌ର ପରମ୍ପରା ଯାହାକି ଇସଲାମୀୟ (ସୁନ୍ଦର ଶିକ୍ଷା)ର ସ୍ପଷ୍ଟିକରଣ କରି ଏହି ଦିଗ ଉପରେ ଆଲୋକପାତ କଲେ ଯେ, ଯଦିଚ ପ୍ରଶାସନିକ ପରମ୍ପରା ସମ୍ପୂର୍ଣ୍ଣ ରୂପେ ଇସଲାମୀୟ ହେବ ନାହିଁ । କାରଣ ତାହା ସମ୍ଭବ ନୁହେଁ, କିନ୍ତୁ ପ୍ରଶାସନର କାର୍ଯ୍ୟବିଧି ଶୈଳୀ ଇସଲାମୀୟ ହୋଇଯିବ । ମୁସଲମାନମାନଙ୍କ ସଂକ୍ରାନ୍ତରେ ତାଙ୍କର ନିୟମ ମଧ୍ୟ ଇସଲାମୀୟ ହୋଇଯିବ ଏବଂ ତାହା ହିଁ ଇସଲାମ୍‌ର ପ୍ରୟୋଜନ । ଇସଲାମ୍ କଦାପି ଏହି ଶିକ୍ଷା ଦେଇ ନାହିଁ ଯେ, ହିନ୍ଦୁ, ଖ୍ରୀଷ୍ଟିୟାନ୍ ଓ ୟହୁଦିମାନଙ୍କୁ ମଧ୍ୟ ଇସଲାମୀୟ ନୀତିନିୟମ ପାଳନ କରିବାକୁ ବାଧ୍ୟ କରାଯାଉ, ବରଂ ସେ ତ ଏହାର ପୂର୍ଣ୍ଣ ବିରୋଧ କରିଥାଏ ।

ତା'ପରେ ମହାମହିମ ହୁଜୁର[ର.ଅ] ଋଷ ଓ ଚଳିତ ଯୁଦ୍ଧ ପ୍ରସଙ୍ଗରେ ଅର୍ଥାତ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଋଷ ଦେଶ ପୋଲାଣ୍ଡରେ ଅନୁପ୍ରବେଶ କରିବା ପରିପ୍ରେକ୍ଷୀରେ ଆଲୋଚନା କରିଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧ ଅବସରରେ ଯେତେବେଳେ ଋଷ ଦେଶ ପୋଲାଣ୍ଡରେ ଅନୁପ୍ରବେଶ କଲା ସେତେବେଳେ ହଜରତ ମୁସଲେହ୍ ମଉଦ[ର.ଅ] ଏହି ପ୍ରବନ୍ଧ ରଚନା କରିଥିଲେ । ଜାତିସଙ୍ଘ ଉପରେ ମଧ୍ୟ ଆପଣ [ର.ଅ]ଙ୍କର ଗଭୀର ଓ ତୀକ୍ଷ୍ଣ ଦୃଷ୍ଟି ରହିଥିଲା । ଏଥି ସଂକ୍ରାନ୍ତରେ ଆପଣ [ର.ଅ]ଙ୍କର ଆହୁରି ଅନେକ ସନ୍ଦର୍ଭ ରହିଛି । ଧାର୍ମିକ ପତ୍ରିକା, ତଫ୍‌ସିର (ବ୍ୟାଖ୍ୟା) ଅସାଧାରଣ ସଂଖ୍ୟାରେ ଆପଣ[ର.ଅ] ରଚନା କରିଯାଇଛନ୍ତି । ପୁଣି ଖୁତ୍‌ବା ଜୁମା ଓ ଜମାଅତୀୟ ଜଲ୍‌ସା ଆଦି ଅବସରରେ ଜ୍ଞାନ ଓ ତତ୍ତ୍ୱ ଭିତ୍ତିକ ଅଭିଭାଷଣର ଏକ ଭଣ୍ଡାର ଛାଡ଼ି ଯାଇଛନ୍ତି ।

ଅତଃ ଅଲ୍ଲାଃତାଲା ହଜରତ ମସିହ ମଉଦ [ଅ.ସ]ଙ୍କୁ ଭବିଷ୍ୟବାଣୀରେ ଯେଉଁ ପ୍ରତିଶୃତି ପ୍ରଦାନ କରିଥିଲେ, ତାହାକୁ ସେ ପ୍ରତ୍ୟେକ ଦିଗରୁ ହଜରତ ମିର୍ଜା ବଶିର ଅହେମଦ ସାହେବ [ର.ଅ]ଙ୍କ ଅସ୍ତିତ୍ୱରେ ପୂରଣ କରି ଦେଖାଇଲେ । ଏଠାରେ କିଛି ଉଦାହରଣ ମୁଁ ଉପସ୍ଥାପନ କଲି । ହୁଜୁର [ର.ଅ]ଙ୍କର ବୁଦ୍ଧିଜ୍ଞାନ ସମ୍ପନ୍ନ ଏହି ଲିଟ୍‌ରେଚର୍‌ଗୁଡ଼ିକୁ ଆମମାନଙ୍କୁ ଅଧ୍ୟୟନ କରିବା ଉଚିତ୍ ଏବଂ ଏପରି ଆହୁରି ଅନେକ ପ୍ରସଙ୍ଗ ରହିଛି ଯାହାକି ଆଜିକାଲିର ପରିସ୍ଥିତି ଅନୁକୂଳ ପ୍ରତିପାଦିତ ହେଉଅଛି । ସେଥିରୁ ଆମମାନେ ଉପକୃତ ହୋଇପାରିବା । ଅଲ୍ଲାଃତାଲା ଆମମାନଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଈଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

21th February 2025

*Translated to Odia by :* Moulavi Anwar Ahmad Khan